# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 March - 2026

**********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ସାମ୍ପ୍ରତିକ ପରିସ୍ଥିତିର ମୁକାବିଲା ପାଇଁ ୧୪୦ କୋଟି ଭାରତୀୟଙ୍କୁ ଏକତ୍ର ହେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

— ଓଡ଼ିଶାର ସୂଜାତା ଭୂୟାଁ ଓ ଓମ୍ ପ୍ରକାଶ ରଥଙ୍କୁ ମନ୍ କୀ ବାତ୍‌ରେ କଲେ ପ୍ରଶଂସା

- ଧାର୍ଯ୍ୟ ସମୟ ପୂର୍ବରୁ ମାଓବାଦୀମାଙ୍କୁ ଆତ୍ମସମର୍ପଣ କରିବା ପାଇଁ ପରାମର୍ଶ ଦେଲେ ପୁଲିସ ମହାନିର୍ଦ୍ଦେଶ

- ରାଜ୍ୟରେ ଆଜି ପାଳନ କରାଯାଉଛି ମହାନ୍ ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ୮୪ତମ ଶ୍ରାଦ୍ଧଦିବସ

ଏବଂ

- କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହ ବର୍ଷା ହେବା ନେଇ ୧୬ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି  ଆକାଶବାଣୀ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୩୨ତମ ସଂସ୍କରଣରେ ଦେଶବାସୀଙ୍କ ସହିତ ଭାବବିନିମୟ କରିଛନ୍ତି। ପଶ୍ଚିମ ଏସିଆର ଯୁଦ୍ଧ ପରିସ୍ଥିତି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ କହିଛନ୍ତି, ୧୪୦ କୋଟି ଭାରତୀୟଙ୍କୁ ଏକତ୍ର ହୋଇ ଏହି ସମସ୍ୟାର ମୁକାବିଲା କରିବାକୁ ପଡିବ।  ମଧ୍ୟପ୍ରାଚ୍ୟରେ ରହୁଥିବା ଏକ କୋଟିରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଉପସାଗରୀୟ ଦେଶଗୁଡ଼ିକ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯାଉଛି। ଯାହା ବାସ୍ତବରେ ପ୍ରଶଂସାଯୋଗ୍ୟ ବୋଲି ଶ୍ରୀ ମୋଦୀ କହିଛନ୍ତି। ଗୁଜବରେ ବିଶ୍ୱାସ ନ କରି ସତର୍କ ରହିବା ସହିତ ସରକାରଙ୍କ ତଥ୍ୟ ଉପରେ ଭରସା କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

**- V/O -(PM)**

ପଶ୍ଚିମ ଏସିଆର ପରିସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପେଟ୍ରୋଲ ଏବଂ ଡିଜେଲକୁ ନେଇ ସାରା ବିଶ୍ୱରେ ସଙ୍କଟ ଦେଖାଦେଇଛି। ମଧ୍ୟପ୍ରାଚ୍ୟ ଅଞ୍ଚଳ ଭାରତର ଶକ୍ତି ଆବଶ୍ୟକତାର ଏକ ପ୍ରମୁଖ କେନ୍ଦ୍ର ହୋଇଥିବାରୁ ଏହା ଏକ ଆହ୍ୱାନପୂର୍ଣ୍ଣ ସମୟ।

ପ୍ରଧାନମନ୍ତ୍ରୀ 'ଜ୍ଞାନ ଭାରତମ୍' ଆପ୍ ଜରିଆରେ ସର୍ବେକ୍ଷଣ ଉପରେ ଆଲୋକପାତ କରି କହିଛନ୍ତି, ଦେଶର ପାଣ୍ଡୁଲିପି ବିଷୟରେ ତଥ୍ୟ ସଂଗ୍ରହ

କରାଯାଉଛି। ଏହା ଭାରତର ମହାନ ସଂସ୍କୃତି ଏବଂ ଐତିହ୍ୟକୁ ପ୍ରଦର୍ଶିତ କରୁଛି। ପାଣ୍ଡୁଲିପି କିମ୍ବା ଏହା ବିଷୟରେ କୌଣସି ତଥ୍ୟ ଥିଲେ ଜ୍ଞାନ ଭାରତମ୍ ଆପ୍‌ରେ ପ୍ରକାଶ କରିବା ପାଇଁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି।

ଭାରତ ବିଶ୍ୱର ସର୍ବବୃହତ ଯୁବଶକ୍ତିର ଦେଶ। ରାଷ୍ଟ୍ରନିର୍ମାଣରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କ୍ଷେତ୍ରରେ 'ମାଇ ଭାରତ' ସଂଗଠନ ପ୍ରମୁଖ  ଭୂମିକା ଗ୍ରହଣ କରୁଛି। ଦେଶର ଯୁବକମାନଙ୍କୁ ବିଭିନ୍ନ ସକାରାତ୍ମକ କାର୍ଯ୍ୟକଳାପ ସହିତ ଯୋଡୁଥିବାରୁ ପ୍ରଧାନମନ୍ତ୍ରୀ ଏହି ସଙ୍ଗଠନକୁ ପ୍ରଶଂସା କରିଛନ୍ତି।

ସମ୍ବଲପୁରର ସୁଜାତା ଭୂୟାଁ ହୀରାକୁଦ ଜଳଭଣ୍ଡାରରେ କେଜ୍ କଲଚର ମାଧ୍ୟମରେ ମାଛ ଚାଷ କରି ଆତ୍ମନିର୍ଭର ହେବା ସହିତ ଅନ୍ୟ ମହିଳାମାନଙ୍କ ପାଇଁ ଏକ ନୂତନ ଦିଗ୍‌ଦର୍ଶନ ସାଜିଛନ୍ତି। ଗୃହିଣୀରୁ ଜଣେ ସଫଳ ଉଦ୍ୟୋଗୀ ଭାବେ ତାଙ୍କର ଏହି ଯାତ୍ରା ନାରୀ ସମାଜକୁ ପ୍ରେରିତ କରିବ ବୋଲି ପ୍ରଧାନମନ୍ତ୍ରୀ ପ୍ରଶଂସା କରି କହିଛନ୍ତି।

## - V/O - (PM)

ପ୍ରଧାନମନ୍ତ୍ରୀଙ୍କ ଉତ୍ସାହ ଆଗକୁ ଯିବାକୁ ପ୍ରେରଣା ଦେବ ବୋଲି ଖୁସି ବ୍ୟକ୍ତ କରି ଶ୍ରୀମତୀ ଭୂୟାଁ ପ୍ରତିକ୍ରିୟାରେ କହିଛନ୍ତି......

## - V/O - (ସୁଜାତା ଭୂୟାଁ )

ମହିଳା ନେତୃତ୍ୱାଧୀନ ବିକାଶ ଏବଂ ସେମାନଙ୍କ ସଶକ୍ତୀକରଣ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କେନ୍ଦ୍ରାପଡ଼ା ଜିଲ୍ଲାର ଓମ ପ୍ରକାଶ ରଥଙ୍କ ସହିତ ପ୍ରଧାନମନ୍ତ୍ରୀ ବାର୍ତ୍ତାଳାପ କରି ଖୁସି ବ୍ୟକ୍ତ କରିଛନ୍ତି।

ଚଳିତ ମାସ ସାରା ଦେଶର କ୍ରିକେଟ ପ୍ରେମୀଙ୍କ ପାଇଁ ଉତ୍ସାହପୂର୍ଣ୍ଣ ରହିଥିଲା। ଭାରତୀୟ ଦଳର ଟି-୨୦ ବିଶ୍ୱକପରେ ଐତିହାସିକ ବିଜୟ ପାଇଁ ସମଗ୍ର ଦେଶରେ ଖୁସିର ଲହରୀ ଖେଳିଯାଇଥିଲା। ଦଳର ଏହି ବିଶାଳ ସଫଳତା ପାଇଁ ଦେଶବାସୀ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହାଛଡ଼ା ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଦେଶର ଖେଳାଳିମାନେ ହାସଲ କରିଥିବା କୃତିତ୍ୱ ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ।

ଅନ୍ତର୍ଜାତୀୟ ଯୋଗଦିବସକୁ  ଆଉ ୧୦୦ ଦିନରୁ କମ୍ ସମୟ ବାକି ରହିଛି। ଯୋଗ ପ୍ରତି ଆକର୍ଷଣ ସମଗ୍ର ବିଶ୍ୱରେ ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି। ଶାରୀରିକ ସୁସ୍ଥତା ପ୍ରତି ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ଇନଷ୍ଟାଗ୍ରାମ କଣ୍ଟେଣ୍ଟ କ୍ରିଏଟର୍ ଯୁବରାଜ ଦୁଆଙ୍କ ଏକ ପୋଷ୍ଟ ଉପରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଚିନି କମ୍ ଖାଇବାକୁ କହିଛନ୍ତି।  ଖାଇବା ତେଲକୁ ୧୦ ପ୍ରତିଶତ ହ୍ରାସ କରିବା ଉପରେ ମଧ୍ୟ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ଏହି ଛୋଟ ପ୍ରୟାସ ମେଦବହୁଳତା ଏବଂ ଜୀବନଶୈଳୀ ଜନିତ ରୋଗକୁ ଦୂରେଇ ପାରିବ। ଶିକ୍ଷା

ମାଧ୍ୟମରେ ଅତୀତକୁ ସଂରକ୍ଷିତ ରଖିବା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ଲାଗି ନାଗା ସମ୍ପ୍ରଦାୟର ପ୍ରୟାସକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

ଦେଶର ଅନେକ ଭାଗରେ ଗ୍ରୀଷ୍ମ ଋତୁ ଆରମ୍ଭ ହେବା ସହିତ ଜଳ ସଂରକ୍ଷଣ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇବାର ସମୟ ଉପନୀତ ହୋଇଛି। ଗତ ୧୧ ବର୍ଷ ମଧ୍ୟରେ 'ଜଳ ସଞ୍ଚୟ ଅଭିଯାନ' ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିଛି। ଏହି ଅଭିଯାନ ଅଧୀନରେ ସାରା ଦେଶରେ ପ୍ରାୟ ୫୦ ଲକ୍ଷ କୃତ୍ରିମ ଜଳ ଅମଳ ଢାଞ୍ଚା ସୃଷ୍ଟି କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

କେନ୍ଦ୍ର ସରକାର ମତ୍ସ୍ୟଜୀବିଙ୍କୁ ଆତ୍ମନିର୍ଭର ଏବଂ ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି। ମତ୍ସ୍ୟଜୀବୀମାନେ କେବଳ ସମୁଦ୍ରର ଯୋଦ୍ଧା ନୁହନ୍ତି, ବରଂ ଆତ୍ମନିର୍ଭରଶୀଳ ଭାରତ ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖୁଛନ୍ତି।

'ଏକ୍ ପେଡ଼୍ ମା' କେ ନାମ' ଅଭିଯାନ ଅଧୀନରେ ସମଗ୍ର ଦେଶରେ ଲକ୍ଷ ଲକ୍ଷ ବୃକ୍ଷ ରୋପଣ କରାଯାଇଛି। ଶ୍ରୀ ମୋଦୀ ଏହାକୁ ପ୍ରେରଣାଦାୟକ ବୋଲି କହିଛନ୍ତି।

'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି' ଯୋଜନାର ପ୍ରଭାବ ଦେଶର ପ୍ରତ୍ୟେକ କୋଣ-ଅନୁକୋଣରେ ଦେଖିବାକୁ ମିଳୁଛି।  ବିଶେଷ କରି ଏହା ଉତ୍ତର-ପୂର୍ବାଞ୍ଚଳ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଡିଜିପି–ମାଓବାଦୀ ସମୀକ୍ଷା

ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିୟା ଦିନିକିଆ କନ୍ଧମାଳ ଜିଲ୍ଲା ଗସ୍ତରେ ଯାଇ ଫୁଲବାଣୀ ରିଜର୍ଭ ପୁଲିସ୍ ଅଫିସ୍‌ରେ ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ସହିତ ରାଜ୍ୟର ମାଓବାଦୀ ଗତିବିଧିର ସମୀକ୍ଷା କରିଛନ୍ତି। ଶ୍ରୀ ଖୁରାନିୟା କହିଛନ୍ତି, ବର୍ଷକ ମଧ୍ୟରେ ଓଡ଼ିଶା ପୁଲିସ୍ ନିକଟରେ ୭୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ୨୩ ଜଣ ମାଓବାଦୀ ଛତିଶଗଡ଼ରେ ଆତ୍ମସମର୍ପଣ କରିଥିବାବେଳେ ୨୭ ଜଣ ମାଓବାଦୀଙ୍କୁ କମ୍ବିଂ ଅପରେସନ୍‌ରେ ନିହତ କରାଯାଇଛି। ରାୟଗଡ଼ା, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର କିଛି ସ୍ଥାନରେ ୮ ରୁ ୯ ଜଣ ମାଓବାଦୀ ସକ୍ରିୟ ଅଛନ୍ତି। ମାଓବାଦୀମାନଙ୍କୁ ଧାର୍ଯ୍ୟ ସମୟ ପୂର୍ବରୁ ଆତ୍ମସମର୍ପଣ କରିବାକୁ ଶ୍ରୀ ଖୁରାନିୟା ପରାମର୍ଶ ଦେଇଛନ୍ତି।

**- V/O –**

## ଲକ୍ଷ୍ମଣ ନାୟକ–ଶ୍ରାଦ୍ଧବାର୍ଷିକୀ

ଦେଶପ୍ରେମର ବଳିଷ୍ଠ ପ୍ରତୀକ ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସରେ ଆଜି ରାଜ୍ୟବାସୀ ତାଙ୍କର ସ୍ମୃତିଚାରଣ କରୁଛନ୍ତି ।

ଏ ସମ୍ପର୍କରେ ଶୁଣନ୍ତୁ ଏକ ଉପସ୍ଥାପନା.....

୧୮୯୯ ମସିହା ନଭେମ୍ବର ୨୨ ତାରିଖରେ କୋରାପୁଟ ଜିଲ୍ଲାର ତେନ୍ତୁଳିଗୁମ୍ମା ଗ୍ରାମରେ ଜନ୍ମିତ ସହିଦ ଲକ୍ଷ୍ମଣ ନାୟକ ଗାନ୍ଧିଜୀଙ୍କର ଅହିଂସା

ପଥକୁ ଆପଣେଇ ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହ ଏବଂ ୧୯୪୨ ମସିହାରେ ଭାରତଛାଡ ଆନ୍ଦୋଳନରେ ସକ୍ରିୟ ଭୂମିକା ନେଇଥିଲେ । ଇଂରେଜ ଶାସକ ସହିଦ ଲକ୍ଷ୍ମଣ ନାୟକଙ୍କୁ କୋରାପୁଟ ଜିଲ୍ଲାର ମାଥିଲିରେ ଘଟିଥିବା ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଦାୟୀ କରି ବ୍ରହ୍ମପୁର କାରାଗାରରେ ଆଜିର ଦିନରେ ଫାଶୀ ଦେଇଥିଲା । ଆଦିବାସୀ ସମ୍ପ୍ରଦାୟର ମଉଡମଣି ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିରେ ଅନେକ ଅନୁଷ୍ଠାନ ନିର୍ମିତ ହୋଇଛି ।

ସହିଦ୍ ଲକ୍ଷ୍ମଣ ନାୟକଙ୍କ ୮୪ତମ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଓଡ଼ିଶା ବିଧାନସଭା ପରିସରରେ ପାଳିତ ହୋଇଯାଇଛି।  ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବହୁ ବିଶିଷ୍ଟ ଅତିଥିମାନେ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ସହିଦ ଲକ୍ଷ୍ମଣ ନାୟକଙ୍କ ତ୍ୟାଗ, ବଳିଦାନ ଏବଂ ଦେଶପ୍ରେମ ରାଜ୍ୟବାସୀଙ୍କ ମନରେ ସର୍ବଦା ଅମର ହୋଇ ରହିବ।

କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ **ପ୍ରଭାତୀ ପରିଡା** ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିଚାରଣ କରି କହିଛନ୍ତି, ନିଷ୍ଠୁର ବ୍ରିଟିଶ ଶାସନ ବିରୋଧରେ ତାଙ୍କ ଅଦମ୍ୟ ସାହସ ପାଇଁ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବେ।

**ରାୟଗଡ଼ା** ସଦର ଶାସ୍ତ୍ରୀନଗରସ୍ଥିତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଉପଜିଲ୍ଲାପାଳ ରମେଶ କୁମାର ଜେନା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲ।

ଭୁବନେଶ୍ୱର ଜୟଦେବ ଭବନଠାରେ ଆଜି ସନ୍ଧ୍ୟାରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନିସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## ଶିଶୁ ମିତ୍ର ଥାନା

**ଗଜପତି** ଜିଲ୍ଲା ମୋହନା ପୁଲିସ୍ ଥାନା ପରିସରରେ ଏକ ଶିଶୁ ମିତ୍ର ଥାନାକୁ 'ଦକ୍ଷିଣାଞ୍ଚଳ ଆଇ.ଜି. ନୀତିଶେଖର ଉଦ୍‌ଘାଟନ କରିଛନ୍ତି। ଅସହାୟ ଶିଶୁମାନଙ୍କ ସୁରକ୍ଷା, ଆଶ୍ରୟ, ଯତ୍ନ ଏବଂ ମନୋରଞ୍ଜନ ପାଇଁ ଏହି ଥାନାରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ବହୁ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

## ତାଲିମ କର୍ମଶାଳା

**ଭଦ୍ରକ** ଜିଲ୍ଲା ପ୍ରଶାସନ ଓ ଶିଳ୍ପ ବିଭାଗ ପକ୍ଷରୁ ଉଦ୍ୟୋଗୀ ବିକାଶ ତାଲିମ କର୍ମଶାଳା ବିଷ୍ଣୁପୁର ପଂଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଭୟ ପୁରୁଷ ଓ ମହିଳା ଉଦ୍ୟୋଗୀମାନେ ଆତ୍ମନିର୍ଭରଶୀଳ ହେବା ସହିତ ଅର୍ଥନୈତିକ ବିକାଶ ଦିଗରେ ଅଗ୍ରଗତି କରିବାକୁ ତାଲିମଦାତାମାନେ ପରାମର୍ଶ ଦେଇଛନ୍ତି।

# ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ଉତ୍ତର ଉପକୂଳ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହିତ ବର୍ଷା ହେବା ନେଇ ୧୬ଟି ଜିଲ୍ଲାକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମସ୍ତ ଜିଲ୍ଲାରେ ଝଡ଼ବର୍ଷା ସହିତ ପବନର ବେଗ ଘଣ୍ଟାପ୍ରତି ୫୦ ରୁ ୬୦ କିଲୋମିଟର ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି। କନ୍ଧମାଳ ଜିଲ୍ଲା କେ.ନୂଆଗାଁରେ ସର୍ବାଧିକ ୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆଗାମୀ ଦୁଇ ଦିନ ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ପରବର୍ତ୍ତୀ ସମୟରେ ତାପମାତ୍ରା ଦୁଇରୁ ତିନି ଡ଼ିଗ୍ରୀ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।